# NATIONAL NEWS BULLETIN (ODIA)
## 11 January - 2026
## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ସରକାରଙ୍କର ସଂସ୍କାର ମୂଳକ ପଦକ୍ଷେପ ଯୋଗୁଁ ଭାରତ ବିକଶିତ ରାଷ୍ଟ୍ର ଗଠନ ଦିଗରେ ଦ୍ରୁତ ଗତିରେ ଅଗ୍ରସର ହେଉଛି, କହିଲେ ପ୍ରଧାନମନ୍ତ୍ରୀ ।

– ଗୁଜରାଟର ସ୍ୱରାଷ୍ଟ୍ର-କଚ୍ଛ ଅଞ୍ଚଳରେ ପୁଞ୍ଜିନିବେଶ ପାଇଁ ଶିଳ୍ପପତିମାନଙ୍କୁ ଆହ୍ୱାନ ।

- ଆତ୍ମନିର୍ଭର ଭାରତ ଲକ୍ଷ୍ୟ ପୂରଣ ହାସଲ ଲାଗି ପ୍ରତ୍ୟେକ ରାଜ୍ୟ ଦକ୍ଷତାର ସହ କାର୍ଯ୍ୟ କରିବା ନେଇ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ପରାମର୍ଶ ।

- ଇରାନ୍‌ରେ ସରକାର ବିରୋଧି ହିଂସାରେ ମୃତ୍ୟୁ ସଂଖ୍ୟା ୧୧୬କୁ ବୃଦ୍ଧି ।

ଏବଂ

- ଭଦୋଦରାଠାରେ ଚାଲିଥିବା ପ୍ରଥମ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ରେ ଭାରତ ସମ୍ମୁଖରେ ୩୦୧ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କଲା ନ୍ୟୁଜିଲାଣ୍ଡ ।

# ପିଏମ୍-ଗୁଜରାଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବିଶ୍ୱରେ ଅନିଶ୍ଚିତତା ପରିସ୍ଥିତି ସତ୍ତ୍ୱେ ଭାରତ' ନିଶ୍ଚିତତାର ଆଖିଦୃଶିଆ ଅଗ୍ରଗତିର ପର୍ଯ୍ୟାୟ ଅବଲୋକନ କରୁଛି । କଚ୍ଛ୍ ଏବଂ ସ୍ୱରାଷ୍ଟ୍ର ଅଞ୍ଚଳ ପାଇଁ ରାଜକୋଟ୍ ଠାରେ ଦୁଇ ଦିବସୀୟ ଭାଇବ୍ରାଣ୍ଟ ଗୁଜରାଟ ଆଞ୍ଚଳିକ ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ' ବିକଶିତ ରାଷ୍ଟ୍ର ଗଠନ ଦିଗରେ ଦ୍ରୁତ ଭାବେ ଆଗେଇ ଚାଲିଛି । ଏହି ଲକ୍ଷ୍ୟ ପୂରଣ ଲାଗି ସଂସ୍କାର ମୂଳକ ପଦକ୍ଷେପ ପ୍ରମୁଖ ଭୂମିକା ଗ୍ରହଣ କରିଛି । ପ୍ରଧାନମନ୍ତ୍ରୀ ଶିଳ୍ପପତିମାନଙ୍କୁ ଭାରତ ଏବଂ ସ୍ୱରାଷ୍ଟ୍ର-କଚ୍ଛ୍ ଅଞ୍ଚଳରେ ପୁଞ୍ଜିନିବେଶ କରିବା ଲାଗି ଆହ୍ୱାନ ଦେଇଛନ୍ତି । ଏହା ହେଉଛି ପୁଞ୍ଜି ବିନିଯୋଗ ଲାଗି ପ୍ରକୃଷ୍ଟ ସମୟ ବୋଲି ସେ କହିଛନ୍ତି । ଭିତ୍ତିଭୂମି ସହିତ ଶିଳ୍ପ ଲାଗି ପ୍ରସ୍ତୁତ କାର୍ଯ୍ୟବଳ ଆଜି ପାଇଁ ସବୁଠାରୁ ବଡ଼ ଆବଶ୍ୟକତା । ସେ କହିଛନ୍ତି, ଗୁଜରାଟର ସ୍ୱରାଷ୍ଟ୍ର-କଚ୍ଛ୍ ଅଞ୍ଚଳ' ନିର୍ମାଣ, ସବୁଜ ବିକାଶ ଏବଂ ସବୁଜ ପରିଚାଳନାର ପ୍ରମୁଖ କେନ୍ଦ୍ର ଭାବେ ଉଭା ହୋଇଛି । ବିଶ୍ୱର ସର୍ବବୃହତ ୩୦ ଗିଗା ୱାଟ୍ ସ୍ୱଚ୍ଛ ଶକ୍ତି ପାର୍କ କଚ୍ଛ୍ ଠାରେ ବିକାଶ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି ।

**VO-1-PM-ON-SAURASHTRA-KUTCH**

ସ୍ୱରାଷ୍ଟ୍ର-କଚ୍ଛ ଅଞ୍ଚଳର ରୂପାନ୍ତରଣ ସମ୍ପର୍କରେ ଗୁରୁତ୍ୱାରୋପ କରି ଶ୍ରୀ ମୋଦୀ କହିଛନ୍ତି, ମୋରବି-ଜାମନଗର-ରାଜକୋଟ୍ ଶିଳପ୍ ବେଲ୍ଟ'

ମିନି ଜାପାନ ନାମରେ ନାମକରଣ କରାଯାଇଛି । ଏହାର ଦକ୍ଷତା ବିଶ୍ୱ ସ୍ତରରେ ଯୋଗାଯୋଗକୁ ଏହା ପ୍ରତିପାଦିତ କରିଛି । ବନ୍ଦର ଭିତ୍ତିକ ବିକାଶ, ମତ୍ସ୍ୟ ଏବଂ ଭିତ୍ତିଭୂମି କ୍ଷେତ୍ରରେ ବୃହତ ପୁଞ୍ଜିନିବେଶ ସୁଯୋଗ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଭାରତ’ ବିଶ୍ୱର ତୃତୀୟ ବୃହତମ ଅର୍ଥନୈତିକ ରାଷ୍ଟ୍ର ଦିଗରେ ଆଗେଇ ଚାଲିଛି ବୋଲି ସେ କହିଛନ୍ତି । ଏହା ଶିଳ୍ପ ପାଇଁ ପ୍ରସ୍ତୁତ କାର୍ଯ୍ୟବଳ ଏବଂ ଜି.ଏସ୍.ଟି., ଆଇ.ଟି., ବୀମା, ଶ୍ରମ ଏବଂ ଆଣବିକ ଶକ୍ତି କ୍ଷେତ୍ରରେ ପରବର୍ତ୍ତି ପିଢ଼ି ସଂସ୍କାର ମୂଳକ ପଦକ୍ଷେପ ଯୋଗୁଁ ସମ୍ଭବପର ହୋଇପାରୁଛି ବୋଲି ସେ କହିଛନ୍ତି ।

ସ୍ୱରାଷ୍ଟ୍ର ଏବଂ କଚ୍ଛ ଅଞ୍ଚଳରେ ଶିଳ୍ପ ଅଭିବୃଦ୍ଧିର ବିକେନ୍ଦ୍ରୀକରଣ ହେଉଛି ଭାଇବ୍ରାଣ୍ଟ ଗୁଜରାଟ ଆଞ୍ଚଳିକ ସମ୍ମିଳନୀର ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି । ଏହା ପୁଞ୍ଜିନିବେଶ, ନବସୃଜନ ଏବଂ ସ୍ୱରାଷ୍ଟ୍ର ଏବଂ କଚ୍ଛ ଅଞ୍ଚଳର ୧୨ଟି ପଶ୍ଚିମ ଜିଲ୍ଲାର ଅଭିବୃଦ୍ଧି ତ୍ୱରାନ୍ୱିତ କରିବାର ଲକ୍ଷ୍ୟ ରଖିଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଆଭାସୀ ମାଧ୍ୟମରେ ସ୍ୱରାଷ୍ଟ୍ରର ୭ଟି ଜିଲ୍ଲାରେ ୧୩ଟି ଗ୍ରୀନ୍‌ଫିଲ୍ଡ ସ୍ମାର୍ଟ୍ ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍‌ର ଶୁଭାରମ୍ଭ କରିଛନ୍ତି ଏବଂ ରାଜକୋଟ୍‌ଠାରେ ସ୍ୱତନ୍ତ୍ର ମେଡିକାଲ୍ ଡିଭାଇସ୍ ପାର୍କର ଉଦ୍‌ଘାଟନ କରିଛନ୍ତି । ଆଜିର ଏହି ଉଦ୍‌ଘାଟନୀ ଉତ୍ସବରେ ପ୍ରଖ୍ୟାତ ଶିଳ୍ପପତି ମୁକେଶ ଅମ୍ବାନୀ, କରନ ଆଦାନୀ, ବି.କେ. ଗୋୟଙ୍କର ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

ପୂର୍ବାହ୍ଣରେ ଆଜି ଗୁଜୁରାଟରେ ସୋମନାଥ ସ୍ୱାଭିମାନ ପର୍ବ ସମାରୋହରେ ଏକ ସମାବେଶକୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି ସୋମନାଥ ମନ୍ଦିରର ପୁନଃରୁଦ୍ଧାରକୁ ବିରୋଧ କରୁଥିବା ଶକ୍ତିଗୁଡ଼ିକ ଏବେ ଦେଶରେ ଉପସ୍ଥିତ ଅଛନ୍ତି ଓ ସକ୍ରିୟ ମଧ୍ୟ ରହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଆମକୁ ବିଭାଜିତ କରିବାକୁ ଷଡ଼ଯନ୍ତ୍ର କରୁଥିବା ଶକ୍ତିଗୁଡ଼ିକୁ ଦୃଢ଼ତାର ସହ ସାମ୍ନା କରିବାକୁ ପଡିବ ଏବଂ ଏକ ହୋଇ ସେଗୁଡ଼ିକୁ ପରାସ୍ତ କରିବାକୁ ହେବ । ସେ କହିଛନ୍ତି ଏଭଳି ଶକ୍ତି ଭାରତ ବିରୋଧରେ ଷଡ଼ଯନ୍ତ୍ର କରୁଥିବାରୁ ସମସ୍ତଙ୍କୁ ସତର୍କ ଏବଂ ଶକ୍ତିଶାଳୀ ହେବାକୁ ପଡିବ ।

ଶ୍ରୀ ମୋଦୀ କହିଛନ୍ତି ସୋମନାଥ ମନ୍ଦିର ପାଇଁ ସର୍ବସ୍ୱ ବଳିଦାନ ଦେଇଥିବା ଲୋକମାନଙ୍କୁ ଗୁରୁତ୍ୱ ଦିଆଯାଇନଥିଲା ଏବଂ କିଛି ନେତା ଓ ରାଜନେତା ଧାର୍ମିକ ଭାବରେ ଏହି ଆକ୍ରମଣକୁ ଯଥାର୍ଥ ପ୍ରମାଣିତ କରିବାକୁ ଚେଷ୍ଟା କରିଥିଲେ ।

## କେରଳ-ଅମିତ ଶାହା

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରଙ୍କ ଦୃଷ୍ଟିରେ ଭାରତ ଏକ ବିଶ୍ୱସନୀୟ ଆକାଂକ୍ଷି ଏବଂ ଆତ୍ମ ନିର୍ଭରଶୀଳ ରାଷ୍ଟ୍ର । ଏହି ଲକ୍ଷ୍ୟକୁ ପୂରଣ କରିବା ଲାଗି ପ୍ରତ୍ୟେକ ରାଜ୍ୟ ନିଜ ସାମର୍ଥ୍ୟକୁ ନିଶ୍ଚିତ ଭାବେ ଅନୁଭବ କରି କାର୍ଯ୍ୟ କରିବା ଉଚିତ୍ । ଥିରୁବନନ୍ତପୁରମ୍ ଠାରେ ନ୍ୟୁ ଇଣ୍ଡିଆ,

ନ୍ୟୁ-କେରଳ କନ୍‌କ୍ଲେଭ୍ ଉଦ୍‌ଘାଟନ ଅବସରରେ ଶ୍ରୀ ଶାହା’ ଆୟୁର୍ବେଦ, ସୂଚନା ପ୍ରଯୁକ୍ତି ବିଦ୍ୟା, ପର୍ଯ୍ୟଟନ ଏବଂ କ୍ରୀଡ଼ା କ୍ଷେତ୍ରରେ କେରଳର ଦକ୍ଷତାକୁ ଭୂୟସୀ ପ୍ରଶଂସା କରିଛନ୍ତି । ସେ ରାଜ୍ୟ ପାଇଁ ବିଜେପି ନେତୃତ୍ୱାଧୀନ ଏନ୍.ଡି.ଏ. ସରକାର ଗଠନର ଆବଶ୍ୟକତା ରହିଛି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଏଲ୍.ଡି.ଏଫ୍. ଏବଂ ୟୁ.ଡି.ଏଫ୍. ସରକାରଙ୍କ ଦ୍ୱାରା ରାଜ୍ୟରେ ରାଜନୈତିକ ନିଷ୍କ୍ରିୟତା ପରିସ୍ଥିତି ସୃଷ୍ଟି ହୋଇଥିବା ସେ କହିଛନ୍ତି । ସାବରିମାଲା ସୁନା ଚୋରୀ ଘଟଣାର ତଦନ୍ତ କାର୍ଯ୍ୟ ଏକ ନିରପେକ୍ଷ ତଦନ୍ତକାରୀ ସଂସ୍ଥାକୁ ଦେବା ଲାଗି ସେ ଦାବି କରିଛନ୍ତି । ପରେ ଶ୍ରୀ ଶାହା ନୂତନ ଭାବେ ନିର୍ବାଚିତ ରାଜ୍ୟର ସ୍ଥାନୀୟ ସ୍ୱାୟତ ସଂସ୍ଥାର ବିଜେପି ପ୍ରତିନିଧିମାନଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ ।

**VO-AMIT-SHAH-VIKSIT-BHARAT**

ପୂର୍ବରୁ ଥିରୁବନନ୍ତପୁରମ୍‌ଠାରେ ଶ୍ରୀ ଶାହା ଶ୍ରୀ ପଦ୍ମନାଭ ସ୍ୱାମୀ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ ।

# ପିଏମ୍-ପ୍ରଗତି-ସ୍ପେଶାଲ୍ ଷ୍ଟୋରି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱଚ୍ଛ ଶାସନ ଏବଂ ସମୟୋପଯୋଗୀ ପଦକ୍ଷେପ ପାଇଁ ଉଦ୍ଦିଷ୍ଟ ପ୍ରଗତି ପ୍ଲାଟ୍‌ଫର୍ମ ଏହାର ୫୦ତମ ବୈଠକ ଶେଷ କରିଛି । ୨୦୧୫ ରେ ଶ୍ରୀ ମୋଦୀଙ୍କ ଦ୍ୱାରା ଏହି ପ୍ଲାଟ୍‌ଫର୍ମର ଶୁଭାରମ୍ଭ ହେବା ପରଠାରୁ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଦେଶର ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକରେ ଦେଖାଦେଉଥିବା ସମସ୍ୟା

ଗୁଡ଼ିକର ସମାଧାନ କରି ଏହାକୁ ସଫଳତାରେ ପରିଣତ କରିଛି । ଏହି ପ୍ରଗତି ମଞ୍ଚରେ କେନ୍ଦ୍ର କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରୀୟ ମନ୍ତ୍ରଣାଳୟଗୁଡ଼ିକୁ ସାମିଲ ହୋଇ ସମସ୍ୟା ସମାଧାନ ଦିଗରେ ନିରନ୍ତର ପଦକ୍ଷେପ ନେଉଛନ୍ତି । ଆଜି ଏହି ଶୃଙ୍ଖଳାରେ ଆସନ୍ତୁ ଜାଣିବା ପ୍ରଗତି ମଞ୍ଚରେ ସଡ଼କ, ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଅଧୀନରେ ୫୬ ନମ୍ବର ଜାତୀୟ ରାଜପଥ ଅନ୍ତର୍ଗତ ଲକ୍ଷ୍ନୌ-ସୁଲତାନପୁର ସେକ୍‌ସନ୍‌ର ଚାରି ଲେନ୍ କରାଯିବ ।

୫୬ ନମ୍ବର ଜାତୀୟ ରାଜପଥ ଅନ୍ତର୍ଗତ ଲକ୍ଷ୍ନୌ-ସୁଲତାନପୁର ସେକ୍‌ସନ୍ ୧୨୭ କିଲୋମିଟର ବ୍ୟାପି ନିର୍ମାଣ କରାଯାଇଛି । ଏହା ଉତ୍ତରପ୍ରଦେଶର କେନ୍ଦ୍ରୀୟ ଏବଂ ପୂର୍ବାଞ୍ଚଳର ସଡ଼କ ଭିତ୍ତିଭୂମିର ଅଂଶବିଶେଷ । ୨୦୧୬ ମସିହା ମେ' ମାସ ୪ ତାରିଖରେ ୨ହଜାର ୧୬ କୋଟି ଟଙ୍କା ମୂଲ୍ୟରେ ଏହି ପ୍ରକଳ୍ପ ଅନୁମୋଦିତ ହୋଇଥିଲା । ଏହି କରିଡ଼ର ଦ୍ୱାରା ଲକ୍ଷ୍ନୌ, ବାରବାଙ୍କି, ଆମେଥି ଏବଂ ସୁଲତାନପୁରରେ ଯୋଗାଯୋଗକୁ ବ୍ୟାପକ କରାଯାଇପାରିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ୨୦୧୮ ମସିହା ଏପ୍ରିଲ୍ ୨୫ ତାରିଖରେ ଅନୁଷ୍ଠିତ ପ୍ରଗତି ବୈଠକରେ ଏହି କାର୍ଯ୍ୟର ସମୀକ୍ଷା କରାଯାଇଥିଲା । ସମୀକ୍ଷା ବୈଠକରେ ଉତ୍ତର ପ୍ରଦେଶ ସରକାର ଏହି ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଜମି ହରାଉଥିବା ବ୍ୟକ୍ତିବିଶେଷଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ

ଦିଆଯାଇଥିଲା । ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ରାଜ୍ୟ ସରକାରଙ୍କ ସହ ମିଶି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ପଦକ୍ଷେପ ଗ୍ରହଣ କରିଥିଲେ । ପ୍ରଗତି ବୈଠକ ପରେ ଉତ୍ତର ପ୍ରଦେଶ ସରକାର ଜମି ଅଧିଗ୍ରହଣ କାର୍ଯ୍ୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ସଡ଼କ ନିର୍ମାଣ ପ୍ରକଳ୍ପ କାର୍ଯ୍ୟ ଆଗେଇ ନେଇଥିଲେ । ଏହି ପ୍ରକଳ୍ପ ୧୦୦ ପ୍ରତିଶତ ଉନ୍ନତି ପରିଲକ୍ଷିତ ହେବା ସହ ୨୦୧୯ ମସିହା ଏପ୍ରିଲ୍ ୩୦ ତାରିଖରୁ ଏହି ସେକ୍ସନ୍‌ରେ ଚଳାଚଳ ଆରମ୍ଭ ହୋଇଥିଲା । ପ୍ରଗତି ଭିତ୍ତିକ ସମନ୍ୱୟ ଏବଂ ସମୟୋପଯୋଗୀ ନିଷ୍ପତ୍ତି ଯୋଗୁଁ ଏ କ୍ଷେତ୍ରରେ ରହିଥିବା ବିଭିନ୍ନ ସମସ୍ୟାର କିପରି ସମାଧାନ କରାଯାଇପାରୁଛି ତାହା ଏହି ପ୍ରକଳ୍ପ ହେଉଛି ଜ୍ୱଳନ୍ତ ଉଦାହରଣ ।

## ମୁମ୍ବାଇ-ଭେଟେରାନ୍ସ ଡେ

ମୁମ୍ବାଇର ମେରାଇନ୍‌ଡ୍ରାଇଭ୍‌ଠାରେ ଆଜି ତିନି ସେନାବାହିନୀର ସେବା ନିବୃତ୍ତ ସେନାଙ୍କ ପ୍ୟାରେଡ୍‌ର ପଞ୍ଚମ ସଂସ୍କରଣ ଅନୁଷ୍ଠିତ ହୋଇଛି । ଆସନ୍ତା ବୁଧବାର ସେବା ନିବୃତ୍ତ ସେନା ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଏହା ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସାହସିକତା ପରୁସ୍କାର ବିଜେତାଙ୍କ ସମେତ ୫୦୦ ସେବାନିବୃତ୍ତ ସେନା ଅଂଶଗ୍ରହଣ କରିଥିଲେ । ଭାଇସ୍ ଆଡ୍‌ମିରାଲ୍ କ୍ରିଷ୍ଣା ସ୍ୱାମୀନାଥନ୍ ଏହି ପ୍ୟାରେଡ୍‌ର ଶୁଭାରମ୍ଭ କରିଥିଲେ ।

# ଇରାନ୍-ୟୁଏସ୍

ଇରାନ୍‌ରେ ଦେଶ ବ୍ୟାପି ସରକାର ବିରୋଧୀ ଆନ୍ଦୋଳନ ଯୋଗୁଁ ବିଭିନ୍ନ ହିଂସାକାଣ୍ଡ ଘଟଣାରେ ମୃତ୍ୟୁ ସଂଖ୍ୟା ୧୧୬କୁ ବୃଦ୍ଧି ପାଇଛି । ଦୀର୍ଘ ଦୁଇ ସପ୍ତାହ ଧରି ଇରାନ୍‌ରେ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିବା ସୂଚନା ମିଳିଛି । ଆମେରିକା ଭିତ୍ତିକ ମାନବାଧିକାର ସମ୍ବାଦ ସରୋବରାହ ସଂସ୍ଥା ପକ୍ଷରୁ କୁହାଯାଇଛି, ଦେଶରେ ଇଣ୍ଟରନେଟ୍ ଏବଂ ଫୋନ୍ ଲାଇନ୍ ଯୋଗାଯୋଗ ବାଧାପ୍ରାପ୍ତ ସତ୍ତ୍ୱେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଛି । ଘଟଣାରେ ୨ହଜାର ୬୦୦ ଜଣଙ୍କୁ ଅଟକ ରଖାଯାଇଛି । ୟୁରୋପୀୟ ସହରଗୁଡ଼ିକରେ ଲୋକମାନେ ସରକାର ବିରୋଧୀ ଆନ୍ଦୋଳନ ଜାରି ରଖିଛନ୍ତି । ଅପରପକ୍ଷେ ଇରାନ୍‌ର ନେତାମାନେ ପଶ୍ଚିମ ଏସୀୟ ରାଷ୍ଟ୍ରଗୁଡ଼ିକରେ ହେଉଥିବା ଆନ୍ଦୋଳନ ପାଇଁ ଆମେରିକା ପ୍ରଶାସନକୁ ନିନ୍ଦା କରିଛନ୍ତି । ଆମେରିକା ରାଷ୍ଟ୍ରପତିଙ୍କୁ ଖୁସି କରାଇବା ଲାଗି ବିକ୍ଷୋଭକାରୀମାନେ ଏପରି କାର୍ଯ୍ୟ ଜାରି ରଖିଥିବା ଇରାନ୍‌ର ନେତା ଆୟାତୁଲ୍ଲା ଅଲି ଖାମେନି କହିଛନ୍ତି ।

# କ୍ରିକେଟ୍

ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ କ୍ରିକେଟ୍ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ୍ ହରାଇ ୩୦୦ରନ୍ ସଂଗ୍ରହ କରିଛି ।

ଗୁଜରାଟର ଭଦୋଦରାଠାରେ ଆରମ୍ଭ ହୋଇଥିବା ଏହି ମ୍ୟାଚ୍‌ରେ ଭାରତ ଟସ୍ ଜିତି ନ୍ୟୁଜିଲାଣ୍ଡକୁ ବ୍ୟାଟିଂ କରିବାକୁ ନିମନ୍ତ୍ରିତ କରିଥିଲା । ନ୍ୟୁଜିଲାଣ୍ଡର ଡାରେଲ୍ ମିଚେଲ୍ ସର୍ବାଧିକ ୮୪ରନ୍ କରିଥିବା ବେଳେ ହେନେରିକ୍ ନିକୋଲ୍ସ ୬୨ରନ୍, ଡେଭନ୍ କନଓ୍ୱେ ୫୬ରନ୍ ସଂଗ୍ରହ କରିଛନ୍ତି ।

ସମ୍ବାଦଟି ପ୍ରସ୍ତୁତ ହେବା ବେଳକୁ ଭାରତ ୧୮ ଓଭରରେ ଗୋଟିଏ ଓ୍ୱିକେଟ୍ ହରାଇ ୧୧୩ ରନ୍ ସଂଗ୍ରହ କରିଛି ।

ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ୧୪ ତାରିଖରେ ରାଜକୋଟର ନିରଞ୍ଜନ ଶାହା ଷ୍ଟାଡିୟମ୍ ଏବଂ ତୃତୀୟ ମ୍ୟାଚ୍ ୧୮ ତାରିଖରେ ଇନ୍ଦୋର୍‌ର ହୋଲ୍‌କର ଷ୍ଟାଡିୟମରେ ଅନୁଷ୍ଠିତ ହେବ ।